# ସଫଳତା ହାସଲ ଉପରେ ମାର୍ଗଦର୍ଶନ କଲେ ଅତିଥି




ଗଣିତ ଅଲିମ୍ପିଆଡ ଓ ସ୍ମରଣ ଶକ୍ତି ବୃଦ୍ଧି କୌଶଳ ପ୍ରଶିକ୍ଷଣ କର୍ମଶାଳାରେ ଅତିଥିମାନେ।

## ଗଣିତ ଅଲିମ୍ପିଆଡ ଓ ସ୍ମରଣ ଶକ୍ତି ବୃଦ୍ଧି କୌଶଳ ପ୍ରଶିକ୍ଷଣ କର୍ମଶାଳା

ଢେଙ୍କାନାଳ,୨୭।୧୦(ରତନ ନାୟାର)

ଢେଙ୍କାନାଳ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ସମ୍ମିଳନୀ କକ୍ଷରେ ସୋମବାର ଅଷ୍ଟମ, ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଗଣିତ ଅଲିମ୍ପିଆଡ୍ ଓ ସ୍ମରଣ ଶକ୍ତି ବୃଦ୍ଧି କୌଶଳ ପ୍ରଶିକ୍ଷଣ କର୍ମଶାଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ଡ. ଦେବୀ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଓ ଡିପିଏସ୍ ପ୍ରିନ୍ସିପାଲ୍ ଶୁଭ୍ରମାନ୍ୟ ଶ୍ରୀପାଦଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରସିଦ୍ଧ ମନୋବିଜ୍ଞାନୀ ଡ. ଅଟଳ ବିହାରୀ ମଲ୍ଲିକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ମରଣଶକ୍ତି ବୃଦ୍ଧି ଓ ମନସ୍ତାତ୍ତ୍ୱିକ କ୍ଷମତା ବଢ଼ାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଏକାଧିକ ସରଳ କୌଶଳ ଶିଖାଇଥିଲେ। ଏଥିସହିତ ବିଭିନ୍ନ ବୋର୍ଡ଼ ପରୀକ୍ଷା ତଥା ଇଞ୍ଜିନିୟରିଂ, ମେଡିକାଲ ପ୍ରବେଶିକା ତଥା ସମସ୍ତ ପ୍ରବେଶିକା ଓ ଚାକିରି ପାଇଁ ହେଉଥିବା ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶତ ପ୍ରତିଶତ ମାର୍କ ରଖି ରେକର୍ଡ଼ କରିବାକୁ ସମର୍ଥ ହେବାପାଇଁ ନିଜକୁ କିଭଳି ପ୍ରସ୍ତୁତ କରି ସଫଳତା ହାସଲ କରାଯାଇପାରିବ, ସେଥିପାଇଁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଅଧ୍ୟକ୍ଷ ଏବଂ ବିଶିଷ୍ଟ ଅଲମ୍ପିଆଡ ପ୍ରଶିକ୍ଷକ ଅରୁଣ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କ ଗଣିତ ଭୟ ଦୂର କରି ଏହି ବିଷୟକୁ ଭୟଶୂନ୍ୟ, ରୁଚିକର, ସ୍ୱଷ୍ଟ, ସରଳ ଓ ବୋଧଗମ୍ୟ କିପରି କରାଯାଇପାରେ, ସେ ସମ୍ପର୍କରେ ମାଗର୍ଦଶନ କରିଥିଲେ। ସେହିପରି ବରିଷ୍ଠ ପଦାର୍ଥ ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ବେହେରା ଛାତ୍ରୀଛାତ୍ରଙ୍କୁ ସ୍କୁଲ ସମୟରୁ ଜେଇଇ ଓ ଏନ୍ଇଇଟି ଭଳି ଜାତୀୟସ୍ତରର ପ୍ରବେଶିକା ପରୀକ୍ଷା ପାଇଁ ନିଜକୁ କିପରି ପ୍ରସ୍ତୁତ କରାଯିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଢେଙ୍କାନାଳ ଜିଲା ସଂଯୋଜକ ଡ. ଦେବୀ ପ୍ରସାଦ ମିଶ୍ର ଶିକ୍ଷାଦାନ ଓ ଶିକ୍ଷାଗ୍ରହଣକୁ ଆନନ୍ଦଦାୟକ କରିବା ସହିତ ଶତପ୍ରତିଶତ ଫଳପ୍ରଦ, ସମୟର ସୁପରିଚାଳନା ସମ୍ପର୍କରେ ବୁଝାଇଥିଲେ। ବିଦ୍ୟାଳୟ କାଉନସେଲର ସୁଶ୍ରୀ ଶର୍ମିଷ୍ଠା ଘୋଷ, ନିତ୍ୟାନନ୍ଦ ବେହେରା, ଅନିଲ ପଟ୍ଟନାୟକ, ସୁଶ୍ରୀ ପୂଜା ଖେତାନ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ୪ଦିନ ବିତିଲା, ନିଖୋଜ ସ୍କୁଲ ଛାତ୍ରଙ୍କ ପତ୍ତା ମିଳୁନି

- ଆଶଙ୍କାରେ ପରିବାର, ଏସ୍ପିଙ୍କ ଦ୍ୱାରସ୍ଥ ହେଲେ
- ତ୍ରିକୋଣୀୟ ପ୍ରେମରୁ ଅପହରଣ ସନ୍ଦେହ



ନିଖୋଜ ଛାତ୍ରଙ୍କ ପରିବାର ଲୋକେ ଏସ୍ପିଙ୍କ ଦ୍ୱାରସ୍ଥ ହେଉଛନ୍ତି।

ଢେଙ୍କାନାଳ,୨୭।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ବାଲିମୀ ଥାନା ବଦାଲୋ ଗ୍ରାମର ଲୁଲୁ ମହାପାତ୍ରଙ୍କ ପୁଅ ସୁମିତ ମହାପାତ୍ର(୧୫) ଗତ ୨୪ ତାରିଖରୁ ନିଖୋଜ ଥିବାବେଳେ ଏଯାଏ ତାଙ୍କର ପତ୍ତା ମିଳିନାହିଁ। ଏ ନେଇ ନାନା ଆଶଙ୍କା ଭିତରେ ଥିବା ପରିବାର ଲୋକେ ଏସ୍ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ସଦର ଥାନା ଅଙ୍ଗରାନ୍ତିପୁରସ୍ଥିତ ଆଦର୍ଶ ବିଦ୍ୟାଳୟରେ ଏକ ଘରୋଇ କୋଚିଂ ସେଣ୍ଟର ହଷ୍ଟେଲରେ ରହି ସୁମିତ ପଢୁଥିଲେ। ଗତ ୨୪ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ହଷ୍ଟେଲରୁ ଆସିଥିଲେ ହେଁ ବିଦ୍ୟାଳୟକୁ ନ ଯାଇ ନିଖୋଜ ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଛି। କିନ୍ତୁ ଛାତ୍ର ଜଣକ ନିଖୋଜ ହେବାର ୪ଦିନ ବିତିବା ପରେ ମଧ୍ୟ ତାଙ୍କର ସନ୍ଧାନ ମିଳିପାରିନାହିଁ । ଫଳରେ ପରିବାର ଲୋକ ଆଶଙ୍କା ଭିତରେ ରହିଛନ୍ତି। ପୁଅକୁ ଉଦ୍ଧାର କରିବା ପାଇଁ ପରିବାର ଲୋକ ଏସ୍ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଓଡ଼ିଶା ଢେଙ୍କାନାଳ ସଦର ଶାଖା ପକ୍ଷରୁ ମଧ୍ୟ ନିଖୋଜ ଛାତ୍ରଙ୍କୁ ଉଦ୍ଧାର କରିବା ପାଇଁ ଏସ୍ପିଙ୍କୁ ଲିଖିତ ଭାବରେ ଦିଆଯାଇଛି। ଅନ୍ୟପଟରେ ତ୍ରିକୋଣୀୟ ପ୍ରେମକୁ ନେଇ ସୁମିତଙ୍କୁ ଅପହରଣ କରାଯାଇଥାଇପାରେ ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି। କାରଣ ଏହାକୁ ନେଇ ସୁମିତଙ୍କୁ ପୂର୍ବରୁ ଏକ ଧମକପୂର୍ଣ୍ଣ ଟେଲିଫୋନ କଲ୍ ଆସିଥିବା ପରିବାର ଲୋକଙ୍କ ସୂଚନାରୁ ଜଣାପଡିଛି। ଏ ସମ୍ପର୍କରେ ପରିବାର ଲୋକେ ପୋଲିସକୁ ମଧ୍ୟ ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ଅତିରିକ୍ତ ଏସ୍ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି, ନିଖୋଜ ଛାତ୍ରଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରୟାସ ଜାରି ରହିଛି। ଅପହରଣ ଦିଗ ଉପରେ ମଧ୍ୟ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି ବୋଲି ଅତିରିକ୍ତ ଏସ୍ପି ପ୍ରକାଶ କରିଛନ୍ତି।

# ନୂଆଗାଁରେ ୧୦୫ ବର୍ଷରେ କାର୍ତ୍ତିକେଶ୍ୱର ପୂଜା



ନୂଆଗାଁରେ କାର୍ତ୍ତିକେଶ୍ୱର ପୂଜା ପାଇଁ ପ୍ରସ୍ତୁତି ଚାଲିଛି।

## ପ୍ରସ୍ତୁତି ଜୋରଦାର, ଗ୍ରାମ ଉତ୍ସବମୁଖର

ଢେଙ୍କାନାଳ,୨୭।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ନୂଆଗାଁରେ ପାରମ୍ପରିକ କାର୍ତ୍ତିକେଶ୍ୱର ପୂଜା ପାଇଁ ଜୋର୍ଦାର ପ୍ରସ୍ତୁତି ଚାଲିଛି। ଚଳିତବର୍ଷ ଉତ୍ସବ ୧୦୫ ବର୍ଷରେ ପହଞ୍ଚିଛି। ଆସନ୍ତା ୨ ତାରିଖରୁ ପୂଜା ଅନୁଷ୍ଠିତ ହୋଇ ୬ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଗ୍ରାମ ଉତ୍ସବ ମୁଖର ହୋଇଉଠିଲାଣି। ଗ୍ରାମର ଉପରସାହି, ତଳସାହି, ନୂଆସାହି, ଧର୍ମସାହି, ସଞ୍ଜୟପଲୀ, ବାହାଣିଆ ସାହି ଓ ଗୋପିସାହିରେ ଚଳିତବର୍ଷ ପୂଜା ଧୁମ୍ଧାମରେ ଅନୁଷ୍ଠିତ ହେବ। ଗ୍ରାମରେ ଯାତ୍ରାପାର୍ଟି ପଡ଼ିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଐତିହ୍ୟ ସଂସ୍କୃତି ଓ ପରମ୍ପରା ମଧ୍ୟରେ ଅନୁଷ୍ଠିତ ହେଉଥିବା ଏହି ପୂଜା ଉତ୍ସବର ସୁପରିଚାଳନା ପାଇଁ ଗ୍ରାମ ସଭାପତି ଆର୍ତ୍ତବନ୍ଧୁ ମଲ୍ଲିକ, ସନ୍ତୋଷ କୁମାର ଭୂୟାଁ ଏବଂ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିଲେ କାର୍ଯ୍ୟକର୍ତ୍ତା

ଢେଙ୍କାନାଳ,୨୭।୧୦(ରତନ ନାୟାର)



ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ କାର୍ଯ୍ୟକ୍ରମକୁ କର୍ମକର୍ତ୍ତାମାନେ ଶୁଣୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୭ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ରବିବାର ଢେଙ୍କାନାଳ ଦକ୍ଷିଣକାଳୀସ୍ଥିତ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ କାର୍ଯ୍ୟକର୍ତ୍ତାମାନେ ଶୁଣିଥିଲେ। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ଙ୍କ ଜୟନ୍ତୀରେ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖି 'ରନ୍ ଫର୍ ୟୁନିଟି' କାର୍ଯ୍ୟକ୍ରମକୁ ସାରା ଦେଶରେ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ। ଦେଶରେ ବିଭିନ୍ନ ପ୍ରାନ୍ତରେ କଫିର ଚାହିଦା ବିଶ୍ୱ ବଜାରରେ ବୃଦ୍ଧି ପାଉଥିବାବେଳେ ଓଡ଼ିଶାର କୋରାପୁଟ୍ ଜିଲାର ଶିମିଳିଗୁଡା, ଦଶମନ୍ତପୁର, ଲକ୍ଷ୍ମୀପୁର, ପଟାଙ୍ଗୀ ଓ ଲମତାପୁଟ ବ୍ଲକ୍ର ପ୍ରାୟ ୭୦୦ ହେକ୍ଟର ଜମିରେ ହେଉଥିବା କଫି ଚାଷକୁ ସର୍ବୋତ୍କୃଷ୍ଟ ଓ ଅନନ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପରେ ଛଟ୍ ପର୍ବ ପାଳନ କରୁଥିବା ଉପସକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଢେଙ୍କାନାଳ ଜିଲା ଭାଜପା ସଂଯୋଜକ ମାତୃପ୍ରସାଦ ନନ୍ଦ, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ନଗରମଣ୍ଡଳ ସଭାପତି ବିକାଶ କୁମାର ସାହୁ, ପୂର୍ବତନ ନଗର ମଣ୍ଡଳ ସଭାପତି ଧ୍ରୁବ ଚରଣ ସ୍ୱାଇଁ, ସତ୍ୟବାନ ପାତ୍ର, କାଉନ୍ସିଲର ଲକ୍ଷ୍ମୀପ୍ରିୟା ଦଳେଇ, ସୂର୍ଯ୍ୟପ୍ରତାପ ରାଉତ, ପ୍ରତାପ ନାଏକ, ଜିଲା ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ଦଳେଇ, ଜିଲା କୋଷାଧ୍ୟକ୍ଷ ସଞ୍ଜୀବ ମହାପାତ୍ର, ଏମ୍ପିଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ନଗର ମଣ୍ଡଳ ସାଧାରଣ ସମ୍ପାଦକ ଅଭିଷେକ ବେହେରା, ବରିଷ୍ଠ କାର୍ଯ୍ୟକର୍ତ୍ତା ଉଲି ନାୟକ, ଅପର୍ଣ୍ଣା ରଥ, ଅଭୟ ଲେଙ୍କା, ବିକଳ ବେହେରା, ବିଘ୍ନେଶ୍ୱର ଦୋରା, ସମରେନ୍ଦ୍ର ପଟ୍ଟନାୟକ, ଦୀପକ ପଟ୍ଟନାୟକ, ବାଦଲ ବେହେରା, ରଞ୍ଜନ କୁମାର ସାହୁ, ଲକ୍ଷ୍ମୀଧର ପାତ୍ର, କନିଷ୍କ ସାମଲ, ପ୍ରଭାତୀ ମହାପାତ୍ର, ରବିନାରାୟଣ ମିଶ୍ର, ଜିତେନ୍ଦ୍ର ପଟ୍ଟନାୟକ, ଗୋପୀନାଥ ସାମଲ ଓ ହଳଧର ସାହୁ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଚିକିତ୍ସା ପରେ ମା' ସହ ଗଲା ହାତୀଛୁଆ

## ଦଳରୁ ଅଲଗା ହୋଇଯାଇଥିଲା

ଢେଙ୍କାନାଳ,୨୭।୧୦(ରତନ ନାୟାର)



ଉଦ୍ଧାର ହାତୀଛୁଆ।

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ବମ୍ପା ଅଞ୍ଚଳରେ ସୋମବାର ସକାଳେ ଏକ ୪/୫ ମାସର ହାତୀଛୁଆ ଦଳରୁ ଅଲଗା ହୋଇ ପଳାଇ ଆସିଥିଲା। ଖବରପାଇ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ଛୁଆଟିକୁ ଉଦ୍ଧାର କରି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ବମ୍ପା ନିକଟସ୍ଥ ବହଣ୍ଡେଇଠାରେ ହାତୀ ଛୁଆଟିର ଚିକିତ୍ସା କରିଥିଲେ। ବନବିଭାଗ ଅଧିକାରୀଙ୍କ ସମେତ କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ଥିବା ବନ୍ୟପ୍ରାଣୀ ଚିକିତ୍ସକ ଓ ବିଶେଷଜ୍ଞମାନେ ହାତୀ ଛୁଆଟିର ଚିକିତ୍ସା କରିଥିଲେ। ଏହାପରେ ହାତୀ ଛୁଆଟିକୁ ଏହାର ଦଳରେ ସାମିଲ କରିବା ପାଇଁ ବନବିଭାଗ ପକ୍ଷରୁ ଉଦ୍ୟମ କରାଯାଇଥିଲା। ରାତି ୮ଟା ୩୦ରେ ବାବନ୍ଧ ମାଟିଆସାହି ଠାରେ ବନ ଅଧିକାରୀ ଓ କର୍ମଚାରୀମାନେ ହାତୀ ଛୁଆଟିକୁ ଆଣି ଛାଡ଼ିବାରୁ ମା' ସହିତ ଚାଲିଯାଇଥିବା ଜଣାପଡ଼ିଛି।

# ସାମାଜିକ କର୍ମୀଙ୍କ ପରଲୋକ



ସ୍ୱର୍ଣ୍ଣଲତା ମହାପାତ୍ର (ଫାଇଲ ଫଟୋ)

ଢେଙ୍କାନାଳ,୨୭।୧୦(ରତନ ନାୟାର)

ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଣ୍ଣଲତା ମହାପାତ୍ର (୮୩)ଙ୍କ ଗତ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ସମାଜସେବୀ ଓ ଧର୍ମପରାୟଣ ମହିଳା ଭାବରେ ପରିଚିତ ଥିଲେ। ଛାତ୍ର ଜୀବନରୁ ସେ ଜଣେ ଭଲ ଆଥଲେଟ୍ ରହିଥିଲେ। ବିଭିନ୍ନ ଦୌଡ଼ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରି ବହୁ ଟ୍ରଫି ହାସଲ କରିଥିଲେ। ତାଙ୍କ ସ୍ୱାମୀ ସ୍ୱର୍ଗତ ଚିତ୍ତରଞ୍ଜନ ମହାପାତ୍ର ଓଡ଼ିଶା ଖଣି ନିଗମର ଜେନେରାଲ ମ୍ୟାନେଜର ରହିଥିଲେ। ସେ ଢେଙ୍କାନାଳର ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ସଭାପତି ତଥା ବରିଷ୍ଠ ଖବରଦାତା କୃଷ୍ଣକୁମାର ମିଶ୍ରଙ୍କ ବଡ଼ ଭଉଣୀ। ତାଙ୍କର ପରଲୋକରେ ଢେଙ୍କାନାଳରେ ଶୋକର ଛାୟା ଖେଳିଯାଇଛି।

# ଦୁର୍ନୀତି ନିବାରଣ ସଚେତନତା ଶପଥପାଠ



ଜିଲା କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହରେ ଶପଥପାଠ।

ଢେଙ୍କାନାଳ,୨୭।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସୋମବାର ଏକ ସାଧୁତା ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୭ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଏହି ଶପଥପାଠ କରାଯାଇଥିଲା। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା ଉପସ୍ଥିତ ରହି ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଏହି ସମୟରେ ଦୁର୍ନୀତି ନିବାରଣ ବିଭାଗ ଡିଏସ୍ପି ଅନସୂୟା ସେନାପତିଙ୍କ ସହ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ, ଉପଖଣ୍ଡ ଓ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ନିଜନିଜ କାର୍ଯ୍ୟାଳୟରେ ଏହି ସାଧୁତା ଶପଥପାଠ କରିଥିଲେ।

# ଜିଲା ପୋଲିସ କାର୍ଯ୍ୟାଳୟରେ ଶପଥପାଠ

ଢେଙ୍କାନାଳ,୨୭।୧୦(ରତନ ନାୟାର)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସୋମବାର ଢେଙ୍କାନାଳ ଜିଲା ପୋଲିସ କାର୍ଯ୍ୟାଳୟରେ ଏକ ସାଧୁତା ଶପଥପାଠ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଏସ୍ପି ସୂର୍ଯ୍ୟମଣି ପ୍ରଧାନ କାର୍ଯ୍ୟାଳୟରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍ପି ନିରଞ୍ଜନ ପାଢୀ, ଡିଏସ୍ପି ସନ୍ଧ୍ୟାରାଣୀ ବେଉରିଆଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଜିଲା ପୋଲିସ କାର୍ଯ୍ୟାଳୟରେ ଅତିରିକ୍ତ ଏସ୍ପି ସୂର୍ଯ୍ୟମଣି ପ୍ରଧାନ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତାର ଶପଥପାଠ କରାଉଛନ୍ତି।

# ଜନ ଶୁଣାଣି ଶିବିରରେ ୬୧ ଅଭିଯୋଗ

କାମାକ୍ଷାନଗର,୨୭।୧୦(ସୁଧୀର କୁମାର ପରିଡ଼ା)

କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ସୋମବାର ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୫ଜଣ ଓ ରେଡକ୍ରସ୍ ପାଣ୍ଠିରୁ ୨ଜଣଙ୍କୁ ସମୁଦାୟ ୫୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍ପି ଅଭିନବ ସୋନକର, ଜିଲା ପ୍ରକଳ୍ପ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ ମହାପାତ୍ର, ତହସିଲଦାର ଶୁଭଙ୍କର ମହାନ୍ତିଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଓ ବ୍ଲକ୍ସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ। ଘଟଣାସ୍ଥଳରେ ୧୪ଟି ଅଭିଯୋଗ ସମାଧାନ ହୋଇଥିବାବେଳେ ଅନ୍ୟାନ୍ୟ ଅଭଯୋଗ ଗୁଡିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

# ସହର ଉପକଣ୍ଠରେ ବାଘ ଥିବା ଚର୍ଚ୍ଚା

ଢେଙ୍କାନାଳ,୨୭।୧୦(ରତନ ନାୟାର)

ଢେଙ୍କାନାଳ ସହର ଜୁବୁଲି ଟାଉନ, ଯଦୁପତି ବିହାର ଓ ରାମେଶ୍ୱରପୁର ଅଞ୍ଚଳକୁ ବାଘ ପଶିଆସିଥିବା ଖବର ସୋମବାର ରାତି ୮ଟାରେ ପ୍ରଚାରିତ ହେବା ପରେ ବନ ବିଭାଗ ନାକେଦମ ହୋଇଛି। ଅଞ୍ଚଳବାସୀଙ୍କ ଠାରୁ ଫୋନ ପାଇ ବନ କର୍ମଚାରୀଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଏ ସମ୍ପର୍କରେ ସଦର ରେଞ୍ଜର ଉତ୍ସବ ପ୍ରଧାନ କହିଛନ୍ତି, ଲୋକଙ୍କ ଠାରୁ ଫୋନ ପାଇ କର୍ମଚାରୀମାନେ ଯାଇଁ ଯାଞ୍ଚ କରୁଛନ୍ତି। ବନ୍ୟପ୍ରାଣୀଙ୍କ କ୍ଷେତ୍ରରେ କୌଣସି ଖବରକୁ ହାଲୁକା ଭାବରେ ଗ୍ରହଣ କରିବା ଉଚିତ ନୁହେଁ । କିନ୍ତୁ ବର୍ତ୍ତମାନ ସୁଦ୍ଧା ବାଘର ସନ୍ଧାନ ମିଳିନାହିଁ ବୋଲି ରେଞ୍ଜର ପ୍ରକାଶ କରିଛନ୍ତି।

# ସୁରଭି ହେଉଛି ପ୍ରତିଭା ପ୍ରଦର୍ଶନର ମଞ୍ଚ

ଢେଙ୍କାନାଳ,୨୭।୧୦(ରତନ ନାୟାର)



ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଢେଙ୍କାନାଳ ସଦର ବ୍ଲକ୍ର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ପିଏମ୍ଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ୍ ଅନ୍ତର୍ଗତ ୧୭ଟି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, କୁଇଜ୍, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ହସ୍ତାକ୍ଷର, ପିଏମ୍ ପୋଷଣ ସମ୍ପର୍କିତ ଚିତ୍ରକଳା, ଶିଳ୍ପ କଳା ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଦର ବିଇଓ ଦିବ୍ୟ ପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଦର ବିଡିଓ ରାହୁଳ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ଏବିଇଓ ଦେବବ୍ରତ ନାଥ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀ ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ। ସୁରଭି କାର୍ଯ୍ୟକ୍ରମ ହେଉଛି ପିଲାଙ୍କ ପ୍ରତିଭା ପ୍ରଦର୍ଶନର ମଞ୍ଚ। ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାଙ୍କ ପ୍ରତିଭାକୁ ଚିହ୍ନଟ କରି ତା'ର ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆୟୋଜିତ ପ୍ରତିଯୋଗିତାର ବିତର୍କର ବରିଷ୍ଠ ବିଭାଗରେ ଶର୍ମିଷ୍ଠା ନାୟକ, ସର୍ବବରିଷ୍ଠ ବିଭାଗରେ ଅନୁସୂୟା ରାଉତ, ସଙ୍ଗୀତର କନିଷ୍ଠ ବିଭାଗରେ ଶୀତଲ ପରିଡା, ଦିବ୍ୟାଙ୍ଗ ବିଭାଗରେ ଶିବଦତ୍ତ ସାହୁ, ବରିଷ୍ଠ ବିଭାଗରେ ବଳରାମ ସାହୁ, ବରିଷ୍ଠ ଦିବ୍ୟାଙ୍ଗ ବିଭାଗରେ ସୌମ୍ୟାଶ୍ରୀ ସ୍ୱାଇଁ, ସର୍ବବରିଷ୍ଠ ବିଭାଗରେ ଆର୍.ଶିବାଲି ପ୍ରିୟଦର୍ଶିନୀ, ଶୃତଲିଖନ ଓ ହସ୍ତାକ୍ଷରରେ ଆୟୁଷ ମୋହନ ଦାସ, ପିଏମ୍ପୋଷଣ ଚିତ୍ରକଳାର କନିଷ୍ଠ ବିଭାଗରେ ଅମିତ୍ ବାରିକ, ଶିଳ୍ପକଳାରେ ସାଇସୂର୍ଯ୍ୟ ସାହୁ, ବରିଷ୍ଠ ଚିତ୍ରକଳାରେ ବିଶ୍ୱଜିତ୍ ସାହୁ, ଶିଳ୍ପକଳାରେ ପୁଷ୍ପାଞ୍ଜଳି ସାହୁ, ବକ୍ତୃତା କନିଷ୍ଠ ବିଭାଗରେ ଆରତୀ ରଥ, ବରିଷ୍ଠ ବିଭାଗରେ ଶର୍ମିଷ୍ଠା ନାୟକ, ସର୍ବ ବରିଷ୍ଠ ବିଭାଗରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, କୁଇଜ୍ର କନିଷ୍ଠ ବିଭାଗରେ ଦୀପକ ଷେଣ୍ଡ, ବରିଷ୍ଠ ବିଭାଗରେ ଭାର୍ଗବ ପୃଷ୍ଟି, ସର୍ବ କନିଷ୍ଠ ବିଭାଗରେ ମିଥୁନ୍ ଦେହୁରୀ, ସୃଜନଶୀଳ ଲିଖନର କନିଷ୍ଠ ବିଭାଗରେ ସୁକାନ୍ତି ସୋରେନ୍, ବରିଷ୍ଠ ବିଭାଗରେ କୀର୍ତିପ୍ରଜ୍ଞା ସାହୁ, ସର୍ବବରିଷ୍ଠ ବିଭାଗରେ ମିନତୀ ସ୍ୱାଇଁ, ଚିତ୍ରାଙ୍କନ କନିଷ୍ଠ ବିଭାଗରେ ଆଦିତ୍ୟ ପ୍ରସାଦ ରାଉତ, ଦିବ୍ୟାଙ୍ଗ ବିଭାଗରେ ଶୁଭମ୍ ସାହୁ, ବରିଷ୍ଠ ବିଭାଗରେ ପ୍ରିୟବ୍ରତ ମଲ୍ଲିକ, ବରିଷ୍ଠ ଦିବ୍ୟାଙ୍ଗରେ ଅନୁସୁରୁ ଲାହକ ପାନ୍, ସର୍ବବରିଷ୍ଠ ବିଭାଗରେ ସାଇପ୍ରସାଦ ନାୟକ ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଣସିଂହ ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞାସିନୀ ଓ ସାଥୀ ପ୍ରଥମସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହିତ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିଲେ। ଶିକ୍ଷକ ଦେବେନ୍ଦ୍ର କୁମାର ରାଉତ, ବିଦ୍ୟାଧର ବେହେରା, ଶୁଭ୍ରାଂଶୁ ଶେଖର ରାଉତ, ସୌରଭ ରାୟ, ବିକ୍ରମ ସେଠୀ, ପ୍ରଶାନ୍ତ କୁମାର ପଣ୍ଡା, ଦିଲୀପ ରାଜ, ଦିଲୀପ ସାହୁ, ବିଶ୍ୱରଞ୍ଜନ ଚମ୍ପତିରାୟ, ସନ୍ଦିପନୀ ଷଡ଼ଙ୍ଗୀ, ଅଭିନବ ବରାଳ, ବିକାଶ ଜେନା, ଶିକ୍ଷୟିତ୍ରୀ ପ୍ରତିମା ଦେବୀ, ଅନୁକମ୍ପା ମିଶ୍ର, ସୁଶ୍ରୀ ଶୁଭସ୍ମିତା ବେଉରା, ପଙ୍କଜିନୀ କର, କୁର୍ସିଦା ବେଗମ୍, ଅର୍ପିତାରାଣୀ ପତି, ବବିତା ସାହୁ, ସୌମିତ୍ରୀ ବିଷ୍ଣୁପ୍ରିୟା ମହାନ୍ତି ପ୍ରମୁଖ ବିଚାରକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ । ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ଶତ୍ରୁଘ୍ନ ଖଣ୍ଡା ଓ ଭଗବାନ ବେହେରା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ରଜନୀକାନ୍ତ ସାହୁ, ଜିତେନ୍ଦ୍ର ସାହୁ ଓ ରମା ବେହେରା ମଞ୍ଚ ସଞ୍ଚାଳନ କରିଥିବାବେଳେ ଶିକ୍ଷକ ପଞ୍ଚାନନ ସୁନ୍ଦର ପାଣି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ କାଳନ୍ଦୀ ଦେବତା, ସନ୍ତୋଷ ପଟ୍ଟନାୟକ, ବିଚ୍ଛନ୍ଦ ବେହେରା, ଗଦାଧର ହାତୀ, ଡ. ଦେବୀ ପ୍ରସାଦ ମିଶ୍ର, ବିଷ୍ଣୁ ମଲ୍ଲିକ ଓ ସମସ୍ତ ସିଆର୍ସିସି ସହଯୋଗ କରିଥିଲେ।

